Furniture | Houseware | PET Preform

# The ANKUR Voice

Vol:2 | Issue: 2 | February 2021

THE NEWS LETTER

## From MD's Desk



*Dear Colleagues*

*Now we are in the month of February and in next few days we will be starting our Annual Planning activity where you all have to set your target and action plan for the year 2021-22. Crystalising the vision and action plan to achieve it, is very vital for the success of any organisation as well as of any individual. I have shared our vision, mission and values with all of you and now this need to be rolled out and reach to everybody in the organisation.*

*Today the industry is experiencing a steep increase in the basic input price and the availability is also a constraint. Due to increase in cost, market is also not very encouraging. There is a big challenge for all of us to manage this difficult situation. In principle, we cannot compromise on the quality of our product and commitment, as a result ANKUR has been established a brand name in the market as compared to others.*

*Whatever be the odd situation, we have to optimize the value creation while striving to meet the expectations of our customers, suppliers and other stake holders. In order to achieve that we have to adopt some good practices as under.*

- *Delegation and empowering the subordinates and guide them*
- *Encourage small group activities to work on improvement projects.*
- *Develop a learning culture and Focus on the skill improvement of the employees*
- *Implementing a clean workplace by practicing 5S vigorously.*

*While delegating, ask yourself frequently: "Who else could do this?" Question every task, particularly those you have done for years. Define the desired outcome. Ask: "What is the result I want to accomplish?" Learn to assign responsibility for achieving results rather than unloading tasks. I am sure this will not only improve the skill of other employees but also improve your managerial capabilities to handle multiple activities.*

*We have decided to observe the year 2021 as the YEAR OF QUALITY and planned a series of activity every month. All the activities are very much focussed ,which will not only improve the skill of our employee but also reflect in transforming our organisation in wholistic manner. We have to pursue highest qualities for our products, services and operations to attain the operational excellence.*

*Let's join our hands together to make ANKUR a world class and happy organisation*

*I wish all the best to you and your family members. Stay healthy and stay safe.*

C. P. Bhartia

**C.P. Bhartia**
*Managing Director*



CELEBRATION OF REPUBLIC DAY

### FOOD FOR THOUGHT
By: D.R. Mohapatra

When you stop chasing the wrong things, you give the right things a chance to catch you.

**

All Progress takes place outside the comfort zone.




### Quality Policy

We at
Jagdamba Polymers (Pvt.) Limited
will strive to achieve customer delightment by providing quality plastic products, manufactured through Injection Moulding and Blowing process conforming to our esteemed customer requirements. This shall be achieved by continual improvement in Productivity, Quality, Service Level and Skill Level of our of our employees. Required system and procedure will be in place to achieve the objectives.

C. P. Bhartia
(C.P. Bhartia)
Managing Director

### Think positive
By: P M Pradhan

- Start your day in a positive way.
- Surround yourself with positive influences
- Find the positive viewpoint in a negative situation
- Practice gratitude
- Learn to take criticism in a healthy way
- Keep learning.
- Make your workplace a positive place to work in.
- Encourage others.
- Share Knowledge with others

# Kickoff- Quality Year:






We have decided to observe the year 2021 as Quality Year. The basic objective behind this observation is

1. To Bringout a Visible Change in our
   * Quality of Product | * Quality of our System & Processes |
   * Action towards our Environment and * Behaviour
2. To have thrust on improving Skill level of employees and Develop a Learning Environment.
3. Transform the Organisation to a process driven and Environmental friendly Organisation.

To be a Customer Centric organisation driven by Core Values.






Quality Policy and Training hand book was released by MD and other Senior Members



Mr. P.M. Pradhan is being handed over a Letter of Appreciation for completing the KRA & KPI



Ankur Voice wishes Happy Birth day to
Mr.P.M.Pradhan and Mr. N. C Kar







New Machine installed
at Somanathpur Plant. This is one of the largest
machines in the Eastern Region of India

# WELCOME : 2021



Release of Ankur Voice by MD along with the Senior Members




Spending some time with the innmates of Amrit Dhara (Old Age Home)



Dear Colleagues

I wish you a happy and Prosperous New Year 2021. After passing through a long pandemic period, time has come to refresh our vision and plan forward. You must have some vision to dream and will to success.

Time is very precious and we must understand the importance of time. Any time lost is lost for ever. My request to all of you is to make productive use of time. Every day, try to learn some new thing. Learning will enhance your level of confidence, improve your skill and will help doing things in a better manner.



Happy New Year Sir. On behalf of the employees Madam Kunmuni Behera is greeting our beloved MD



The auspiciou activity started with Lightening the Lamp



Respect to the Motherland in the New Year Celebration. Everybody sing the State Anthem (Vande Utkala Janani)



Happy New Year Mr. Dhupal. On behalf of MD, Madam Kunmuni Behera distributing rose to all employees.





DISTRIBUTION FOOD AT AMRIT DHARA OLD AGE HOME




**Ankur Voice wish you all a very Happy Birthday and wish you many many happy returns of the day**

**Rajendra Giri (1st Feb) | Rajendra Mohanty (2nd Feb) | Basant Ku. Pradhan (2nd Feb) | Manas K. Bhuyan (2nd Feb) | Sanjay Nayak (3rd Feb) | Sumanta K. Bindhani (3rd Feb) | Anadi Nandan Behera (9th Feb) | S.C. Khandelwal (10th Feb) | Prakash Jena (12th Feb) | Ranjan K. Puhan (13th Feb) | Sk. Anwar (15th Feb) | Narayan Maharna (19th Feb) | Sanjeeb Ghadei (19th Feb) | Rajkishore Behera (20th Feb) | Tapan Sahu (20th Feb) | Jatindranath Bugudi (21st Feb) | Purusottam Das (24th Feb)**

**Welcome to Ankur Family**



**Sri Jeeban K. Mishra**
joined as Security In charge. Ankur Voice wish you all the best for your new assignment.

ANKUR Know your Colleague

# “ପରିଶ୍ରମର ଫଳ ଅନ୍ୟଥା ଯିବ ନାହିଁ”

## - ନାରାୟଣ ଚନ୍ଦ୍ର କର, ପ୍ରଡକ୍‌ସନ୍ ମୁଖ୍ୟ



ଏଥର ଭେଟିଥିଲୁ ଏମିତି ଜଣେ ଅଫିସରଙ୍କୁ, ଯିଏ ନିଜର କମ୍ପାନୀ ପାଇଁ କାୟୋମନୋବାକ୍ୟରେ ସଂପୂର୍ଣ୍ଣ ଉତ୍ସର୍ଗୀକୃତ । ଅଫିସ୍‌ରେ ଥିଲେ ଅଫିସ୍ କଥା, ଘରେ ଥିଲେ ବି ଅଫିସ୍ ଚିନ୍ତା । ନିଜର ସ୍ୱପ୍ନର ଘରଖଣ୍ଡିକୁ ବି ତୋଳିଛନ୍ତି କମ୍ପାନୀର ଅନତି ଦୂରରେ । ଯାହାଫଳରେ ନିଜର ଦୈନିକ କର୍ମନିର୍ଘଣ୍ଟ ବାଦ୍ ମଧ୍ୟ ଯେତେବେଳେ ସେତେବେଳେ କମ୍ପାନୀକୁ ଯାଇ ବୁଲିଆସି ପାରିବେ । କାମ କେମିତି ଚାଲିଛି ତଦାରଖ କରିବେ । ଆସନ୍ତୁ ଭେଟିବା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥିବା ଜଣେ ଅନନ୍ୟ ବ୍ୟକ୍ତିତ୍ୱଙ୍କୁ । ସେ ଆଉ କେହି ନୁହନ୍ତି, ସେ ହେଉଛନ୍ତି ଜଗଦମ୍ବା ପଲିମର୍ସ ପ୍ରାଇଭେଟ ଲିମିଟେଡ୍‌ର ପ୍ରଡକ୍ସନ ମୁଖ୍ୟ **ଶ୍ରୀଯୁକ୍ତ ନାରାୟଣ ଚନ୍ଦ୍ର କର ମହୋଦୟ ।**

**ଆପଣ ସବୁବେଳେ କାର୍ଯ୍ୟବ୍ୟସ୍ତ । ଆଜି ଆପଣଙ୍କ ମୂଲ୍ୟବାନ ସମୟରୁ କିଛି ନେଇ ଆପଣଙ୍କ ବ୍ୟକ୍ତିଗତ ଜୀବନ ସଂପର୍କରେ କିଛି ଜାଣିବାକୁ ଚାହିଁବୁ ।**

(ଗୋଟେ ନିର୍ଭେଜାଲ ହସ ହସି) କ’ଣ ଆଉ କହିବି ମୋ ବ୍ୟକ୍ତିଗତ ଜୀବନ ସଂପର୍କରେ ? ଚନ୍ଦନେଶ୍ୱରରେ ଗୋଟିଏ ଗରିବ ବ୍ରାହ୍ମଣ ପରିବାରରେ ମୋର ଜନ୍ମ । ବାପା ଚନ୍ଦନେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କାର୍ଯ୍ୟ କରୁଥିଲେ । ଆମର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିଲା । ବାପାଙ୍କ ସ୍ୱଳ୍ପ ଆୟରେ ତେଲଲୁଣର ସଂସାର ଚଳାଇବା କଷ୍ଟକର ହୋଇପଡୁଥିଲା । ଯେନତେନ ପ୍ରକାରେ ସ୍କୁଲପାଠ ଶେଷ କଲି । କଲେଜରେ ପଢ଼ିବାବେଳକୁ ମୋ କକା ମୋତେ ସାହାଯ୍ୟ କଲେ । ବାରିପଦା ଏମ୍.ପି.ସି. କଲେଜରେ ବିଜ୍ଞାନ ପଢ଼ିଲି । ମେସ୍‌ରେ ରହିଲି । ମେସ୍ ଭଡ଼ା ଦେବାକୁ ମୋର ସାମର୍ଥ୍ୟ ନ ଥାଏ । ମେସ୍ ପରିଚାଳକ ଅତ୍ୟନ୍ତ ଦୟାଳୁ ଭଦ୍ରବ୍ୟକ୍ତି ଥିଲେ । ସେ ମୋତେ ମେସ୍ ଦେୟ ଛାଡ଼ କରିଦେଇଥିଲେ । ପ୍ରତିବଦଳରେ ମୋତେ ଗୋଟେ ଦାୟିତ୍ୱ ଦେଇଥିଲେ । ସବୁ ପିଲାଙ୍କଠାରୁ ମେସ୍ ଦେୟ ଆଦାୟ କରି ତାଙ୍କୁ ଦେଉଥିଲି । ଭଗବାନଙ୍କ ଆଶୀର୍ବାଦରୁ କଠିନ ପରିଶ୍ରମ କରି ବି.ଏସ୍‌ସି. ପ୍ରଥମ ଶ୍ରେଣୀରେ ସମ୍ମାନର ସହିତ ଉତ୍ତୀର୍ଣ୍ଣ ହେଲି ।

**ଆପଣଙ୍କ ଜୀବନର ଲକ୍ଷ୍ୟ କ’ଣ ଥିଲା ? ତାହା କେତେଦୂର ପୂରଣ କରିପାରିଲେ ?**

ଜୀବନରେ ଲକ୍ଷ୍ୟ ଥିଲା ଶିକ୍ଷକଟିଏ ହୋଇଥାଆନ୍ତି । ଶିକ୍ଷାଦାନଠାରୁ ମହତ କାର୍ଯ୍ୟ ଆଉ କିଛି ନାହିଁ । ହେଲେ ଗ୍ରାଜୁଏସନ୍ ପରେ ମୋର ପ୍ରଥମ କର୍ତ୍ତବ୍ୟ ଥିଲା କିଛି ଅର୍ଥ ଉପାର୍ଜନ କରି ବାପାଙ୍କୁ ପରିବାର ପ୍ରତିପୋଷଣରେ ସାହାଯ୍ୟ କରିବି । ଅବଶ୍ୟ ପାଠ ପଢ଼ିବା ସମୟରେ ଅନେକ ପିଲାଙ୍କୁ ଟ୍ୟୁସନ୍ କରିଛି । ଆତ୍ମସନ୍ତୋଷ ପାଇଛି ।

**ଜଗଦମ୍ବା ପଲିମର୍ସରେ କେବେ ଯୋଗ ଦେଲେ ?**

ପାଠପଢ଼ା ପରେ ଚାକିରି ଖଣ୍ଡେ ଖୋଜୁଥିଲି । ବାପାଙ୍କୁ ଘର ଚଳେଇବାରେ ସାହାଯ୍ୟ କରିବା ଥିଲା ମୋର ମୁଖ୍ୟ ଉଦ୍ଦେଶ୍ୟ । ୧୯୮୯ ମସିହା ସେପ୍ଟେମ୍ବର ମାସରେ ୪୫୦ ଟଙ୍କା ଦରମାରେ ଏଠି ଯୋଗ ଦେଲି । ଅବଶ୍ୟ ସେତେବେଳେ ଏ କମ୍ପାନୀର ନାମକରଣ ‘ଜଗଦମ୍ବା ପଲିମର୍ସ’ ହୋଇନଥିଲା । କୋଣାର୍କ ଟିଭିର କ୍ୟାବିନେଟ୍ ଏଠରେ ପ୍ରସ୍ତୁତ ହେଉଥିଲା । ପରବର୍ତ୍ତୀ ସମୟରେ ଜଗଦମ୍ବା ପଲିମର୍ସ କମ୍ପାନୀ ଗଠିତ ହେଲା ଓ ମୁଁ ମଧ୍ୟ ତା’ର ଅଂଶବିଶେଷ ହୋଇଗଲି ।

**ଆପଣଙ୍କ କର୍ମଜୀବନର ଅନୁଭୂତିରୁ କିଛି କୁହନ୍ତୁ ।**

ମୁଁ ପ୍ରଥମେ ସିଫ୍ଟ ସୁପରଭାଇଜର ଭାବେ ଯୋଗ ଦେଲି । କାମ ଶିଖିବାରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ଥିଲା । ପ୍ରତ୍ୟେକ କାମ କିପରି ହେଉଛି ତାହା ମନଯୋଗ ସହକାରେ ଅନୁଧ୍ୟାନ କରୁଥିଲି । ପରେ ଅବଶ୍ୟ କିଛି ତାଲିମ ମୋତେ ମିଳିଲା । କିଛିଦିନ କାର୍ଯ୍ୟ କରିବା ପରେ ମୋର ପ୍ରତିଭାକୁ ତତ୍କାଳୀନ ମେନେଜର ଦରବାବୁ ଆବିଷ୍କାର କରିଥିଲେ ଏବଂ ତାହା ମେନେଜମେଣ୍ଟକୁ ଜଣାଇଥିଲେ । ମେନେଜମେଣ୍ଟର ଶୁଭଦୃଷ୍ଟି ମୋ ଉପରେ ପଡ଼ିଲା । କଠିନ ପରିଶ୍ରମ, ଅଧ୍ୟବସାୟ ଓ ନିଷ୍ଠା ବଳରେ ମୁଁ ପାହାଚ ପରେ ପାହାଚ ଚଢ଼ି ଆଜି ଏ ସ୍ଥାନରେ ଆସି ପହଞ୍ଚିଛି । ଭଗବାନଙ୍କ ଆଶୀର୍ବାଦ ଯୋଗୁଁ ଏସବୁ ସମ୍ଭବ ହୋଇପାରିଛି ।

**ଆପଣ ଏବେ ପ୍ରଡକ୍ସନ୍‌ର ମୁଖ୍ୟ । କାର୍ଯ୍ୟକ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବେ । ସେଗୁଡ଼ିକୁ କିପରି ସାମ୍ନା କରନ୍ତି ?**

ସବୁ ସମସ୍ୟାର ସମାଧାନ ଅଛି । ଆମ ଜୀବନଟା ଗୋଟେ ଗଣିତ । ସମସ୍ୟାର ମୂଳକୁ ଖୋଜି ବାହାର କରିପାରିଲେ ଗାଣିତିକ ସୂତ୍ର ଭଳି ସବୁ ସମସ୍ୟାର ମଧ୍ୟ ଆପଣାଛାଏଁ ସମାଧାନ ହୋଇଯିବ ।

**ପ୍ରଡକ୍‌ସନ୍ କ୍ଷେତ୍ରରେ କେଉଁ କେଉଁ ଦିଗ ପ୍ରତି ଆପଣ ବେଶି ଧ୍ୟାନ ଦିଅନ୍ତି ?**

ବଜାରର ଆବଶ୍ୟକତା ପୂରଣ କରିବା ମୋର ପ୍ରଥମ କର୍ତ୍ତବ୍ୟ । ତା’ଛଡ଼ା ଉତ୍ପାଦର ଗୁଣବତ୍ତା, ଉଚିତ ସମୟରେ ଯୋଗାଣ ଓ ଗ୍ରାହକମାନଙ୍କୁ ସନ୍ତୁଷ୍ଟ କରିବାରେ ମୁଁ କୌଣସି ବୁଝାମଣା କରେ ନାହିଁ ।

**ଆପଣଙ୍କ ବୈବାହିକ ଜୀବନ ସଂପର୍କରେ କିଛି କୁହନ୍ତୁ ।**

୧୯୯୬ ମସିହା ମାର୍ଚ୍ଚ ୬ ତାରିଖରେ ମୋର ବିବାହ ହୋଇଥିଲା । ବାହାଘରର ମାତ୍ର ସପ୍ତାହେ ପୂର୍ବରୁ ବାପା ଏ ସଂପର୍କରେ ମୋତେ ଜଣାଇଲେ । ବାସ୍ ଏତିକି । ମୋ ବିବାହ ସଂପର୍କରେ ଆଉ କିଛି ତଥ୍ୟ ମୋ ପାଖରେ ନ ଥିଲା । ବାପାଙ୍କ କଥା ଅନୁସାରେ ସିଧା ଯାଇ ବେଦିରେ ବସିଲି । ହେଲେ, ମୋ ପତ୍ନୀ ଜଣେ ସୁଗୃହିଣୀ । ଘରର ଯାବତୀୟ ଦାୟିତ୍ୱ ସେ ନିଜ ମୁଣ୍ଡକୁ ନେଇ ପିଲାମାନଙ୍କୁ ବଡ଼ କରିଛନ୍ତି, ମୋର ଯତ୍ନ ନେଇଛନ୍ତି, ବାପାମାଆଙ୍କ ସେବା କରିଛନ୍ତି । ତାଙ୍କରି ସହଯୋଗ ଯୋଗୁଁ ମୁଁ କମ୍ପାନୀ କାମରେ ଯଥେଷ୍ଟ ସମୟ ବିନିଯୋଗ କରିପାରୁଛି ।

**ଆପଣ କ’ଣ ଘରକାମରେ ଆଦୌ ସାହାଯ୍ୟର ହାତ ବଢ଼ାନ୍ତି ନାହିଁ ?**

ନା, ନା, ସେମିତି ନୁହେଁ । ପ୍ରତ୍ୟେକ ରବିବାର ଦିନବେଳା ରୋଷେଇଟା ମୋ ଦାୟିତ୍ୱ । ମୁଁ ଆମିଷ ଭଲ ରାନ୍ଧିପାରେ । ନିଜେ ରାନ୍ଧି ପିଲାମାନଙ୍କୁ ଖୁଆଇବାରେ ପରମ ତୃପ୍ତି ମିଳେ । ମୋ ପରିବାରକୁ ସେଦିନ ଯଥେଷ୍ଟ ସମୟ ଦେବାକୁ ବି ଚେଷ୍ଟା କରେ ।

**ପିଲାମାନଙ୍କ ବିଷୟରେ କିଛି କହିବେ ?**

ମୋର ଗୋଟିଏ ଝିଅ, ଗୋଟିଏ ପୁଅ । ଝିଅ ଏବେ ପି.ଜି କରି ବ୍ୟାଙ୍କ ଚାକିରି ପାଇଁ ପ୍ରସ୍ତୁତ ହେଉଛି । ପୁଅ ଦଶମଶ୍ରେଣୀରେ ପଢୁଛି । ସେମାନଙ୍କ ଭବିଷ୍ୟତକୁ ନେଇ ମୁଁ କୌଣସି କଥା ତାଙ୍କ ଉପରେ ଲଦିଦେଇ ନାହିଁ । ଆଇ.ଟି. ସେକ୍ଟରରେ ନିଜ ଭବିଷ୍ୟତ ଗଢ଼ିବାକୁ ପୁଅର ଇଚ୍ଛା । ମୋର ମଧ୍ୟ ସେଥିରେ ସହମତି ରହିଛି ।

**ଆପଣଙ୍କ ରୁଚି ?**

ଭଜନ, ଜଣାଣ ଓ ପୁରାତନ ଗୀତ ଶୁଣିବାରେ ମୋର ପ୍ରବଳ ଆଗ୍ରହ । ସବୁଦିନ ସକାଳେ ଆମଘରେ ରେକର୍ଡରେ ନାମ ସଂକୀର୍ତ୍ତନ ବାଜେ । ସାହିପଡ଼ିଶା ଲୋକେ ମୋ ନାଁ କହିଲେ ଯେତେ ନ ଚିହ୍ନନ୍ତି, ଯାହା ଘରେ ନାମ ସଂକୀର୍ତ୍ତନ ହୁଏ ପଚାରିଲେ ସେମାନେ ଆପଣଙ୍କୁ ସିଧା ଆମ ଘରେ ପହଞ୍ଚାଇଦେବେ । ତା’ଛଡ଼ା ବେଳେବେଳେ ଖଣ୍ଡେ ଆଧ କବିତା ବି ଲେଖେ । କିଛି ମୁଟିଭେସନାଲ କଥା ନିୟମିତ ଲେଖିବାକୁ ଓ ପଢ଼ିବାକୁ ଭଲପାଏ ।

**ଆପଣ ଆଜି ଯେଉଁ ସ୍ଥାନରେ ଅଛନ୍ତି, ତାକୁ ନେଇ ଆପଣ କେତେ ସନ୍ତୁଷ୍ଟ ?**

ମୁଁ ସନ୍ତୁଷ୍ଟ । ହେଲେ ମୁଁ ସବୁବେଳେ ମୋ ଅତୀତକୁ ମନେପକାଏ । ଅତୀତକୁ ଭୁଲିଗଲେ ବର୍ତ୍ତମାନକୁ ନେଇ ମୋ ମନରେ ଅହଂକାର ଆସିପାରେ । ଅହଂକାର ହିଁ ମଣିଷ ଜୀବନର ପରମ ଶତ୍ରୁ ।

**ଆପଣଙ୍କ କମ୍ପାନୀର ନୂଆପିଢ଼ିଙ୍କୁ କି ଉପଦେଶ ଦେବେ ?**

ସେମାନେ କର୍ତ୍ତବ୍ୟନିଷ୍ଠ ହୁଅନ୍ତୁ । ସତ୍‌ମାର୍ଗରେ ଚାଲନ୍ତୁ । ସେମାନଙ୍କର ପରିଶ୍ରମର ଫଳ ଅନ୍ୟଥା ଯିବ ନାହିଁ ।



Printed and published by Jagdamba Polymers Pvt. Limited, 25 Ganeswarpur Industrial Estate, Balasore.
Editor-in-Chief : C.P. Bhartia | Editor: Dr. Rajib Kumar Mohapatra